ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-846-10/12/20**



## ୫୮୮ କୋଟି  ଟଙ୍କାର ୨୮ ପୁଞ୍ଜି ନିବେଶ ପ୍ରକଳ୍ପ ତ୍ୱରାନ୍ୱିତ

## ୩୨୪୫ ଜଣଙ୍କ ପାଇଁ ସୃଷ୍ଟି ହେବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ

## ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ  ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦/୧୨/୨୦

ରାଜ୍ୟରେ ବ୍ୟବସାୟ ଅନୁକୂଳ ବାତାବରଣର ସଫଳ ରୂପାୟନ ଦିଗରେ ଅନ୍ୟ ଏକ ପଦକ୍ଷେପ  ସ୍ୱରୂପ ପ୍ରାୟ ୫୮୮ କୋଟି ଟଙ୍କା ପୁଞ୍ଜି ନିବେଶ  ହେବାକୁ ଥିବା ୨୮ ଟି ଶିଳ୍ପ ପ୍ରକଳ୍ପକୁ ତ୍ୱରିତ ଗତିରେ ଇଡ୍‌କୋ ମାଧ୍ୟମରେ ଜମି ଯୋଗାଇ ଦିଆଯାଇଛି । ମୁଖ୍ୟ ଶାସନ

ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରୁ ଏହା ଜଣାପଡିଛି ।

ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଇଡ୍‌କୋର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ପ୍ରକଳ୍ପ ଗୁଡିକ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଶ୍ରୀ ସିଂ କହିଥିଲେ ଯେ ଏହି ପ୍ରକଳ୍ପ ଗୁଡିକ ମୁଖ୍ୟତଃ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କୃଷି-ଉତ୍ପାଦ ପ୍ରକ୍ରିୟାକରଣ, ମୋଟରଯାନ, ପର୍ଯ୍ୟଟନ, ହାଲୁକା ଯନ୍ତ୍ରପାତି, ବିଭିନ୍ନ ପଦାର୍ଥ ବିପଣୀ-ମହଜୁଦ ନିମନ୍ତେ ଭଣ୍ଡାର ବ୍ୟବସ୍ଥା, ବିହନ ପ୍ରକ୍ରିୟାକରଣ ଏବଂ ସରଞ୍ଜାମ ନିର୍ମାଣ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ନିୟମ ଅନୁଯାୟୀ ପ୍ରକଳ୍ପ ଗୁଡ଼ିକ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କମିଟି ଏବଂ ବିଭିନ୍ନ ସରକାରୀ ନୋଡାଲ ବିଭାଗ ମାନଙ୍କ ଦ୍ୱାରା ସୁପାରିଶ କରାଯାଇଛି । ବୈଷୟିକ କମିଟି ଦ୍ୱାରା ମଧ୍ୟ ଏଗୁଡ଼ିକର ଯାଞ୍ଚ୍ କରାଯାଇଛି । ଶିଳ୍ପାନୟନ ନିମନ୍ତେ ଏହି ପ୍ରକଳ୍ପ ଗୁଡିକର ଗୁରୁତ୍ୱ ଏବଂ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ଉପଲବ୍ଧ ଥିବା ଜମିର ସଦ୍ୟତନ ସ୍ଥିତି ବିଷୟରେ ଶ୍ରୀ ସିଂ ସୂଚନା ଦେଇଥିଲେ ।

ପ୍ରକଳ୍ପ ଗୁଡିକୁ ଜମି ଆବଣ୍ଟନ ନିମନ୍ତେ ନିତୀଗତ ଅନୁମୋଦନ ଦେଇ ଇଡ୍‌କୋ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଉଦ୍ୟୋଗୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ ମଧ୍ୟ ଶ୍ରୀ ତ୍ରିପାଠୀ ସଂପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ଏବଂ ନୋଡାଲ୍ ବିଭାଗ ମାନଙ୍କ ମାଧ୍ୟମରେ ଆସିଥିବା ୧୨ ଟି ଏବଂ ଜିଲ୍ଲାସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ମାଧ୍ୟମରେ ଆସିଥିବା ୧୫ ଟି ପୁଞ୍ଜି ନିବେଶ ପ୍ରସ୍ତାବକୁ ବୈଠକରେ ଜମି ଆବଣ୍ଟନ କରାଯାଇଥିଲା । ମୁଖ୍ୟତଃ ବି-ୱାନ୍ ବିଜନେସ୍ ହାଉସ୍

ପ୍ରାଇଭେଟ୍ ଲିଃ ର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ଫାଲକନ୍ ସାମୁଦ୍ରିକ ଚିଙ୍ଗୁଡି ପ୍ରକ୍ରିୟାକରଣ, ଏବଂ ଇନ୍‌ଟେକ୍ ଇଣ୍ଡିଆ ଲିଃ ର ଚିଙ୍ଗୁଡି ଖାଦ୍ୟ ଉତ୍ପାଦନ ଉଦ୍ୟୋଗ ପାଇଁ ଡେରାସ୍ ର ସି–ଫୁଡ୍ ପାର୍କରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ସେହିପରି ୟୁ.ବି.ଏନ୍ ସଫ୍‌ଟ୍‌ଓୟାର ୟୁନିଟ୍ ଏବଂ ରାଜ୍ୟ ଡାଟା ସେଣ୍ଟର ପାଇଁ ଇନ୍‌ଫୋଭ୍ୟାଲି–୨ ଶିଳ୍ପାଞ୍ଚଳ, ବିଶ୍ୱ କୌଶଳ କେନ୍ଦ୍ର ପାଇଁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଅଟୋମୋବାଇଲ୍ କ୍ଲଷ୍ଟର ପାଇଁ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ତହସିଲ ଏବଂ ପାହାଳ ରସୋଗୋଲା 'କମନ ଫେସିଲିଟି ସେଣ୍ଟର' ପାଇଁ ଖୋର୍ଦ୍ଧା ଜିଲ୍ଲାର ଅନନ୍ତପୁର ଠାରେ ଜମି ଦିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଜିଲ୍ଲା ସିଙ୍ଗିଲ୍ ୱିଣ୍ଡୋ କମିଟି ମାନଙ୍କ ଠାରୁ ମିଳିଥିବା ସୁପାରିଶ ଅନୁସାରେ ୧୬ ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଭୁବନେଶ୍ୱର, ଛତାବର, ଖୋର୍ଦ୍ଧା ଖାଦ୍ୟ ପ୍ରକ୍ରିୟାକରଣ ପାର୍କ, ଯାଆଁଳା ଏବଂ ଚନ୍ଦକା ଆଦି ଶିଳ୍ପାଞ୍ଚଳରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା ।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ୍ ଚୋପ୍ରା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ରଙ୍କ ସମେତ ଭୁବନେଶ୍ୱର ପୌର କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧୁରୀ, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ୍ କୁମାର ମହାନ୍ତି ପ୍ରମୁଖ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ